# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 July – 2026

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ବୃହତ ଆଲୁମିନିୟମ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ୧ ଲକ୍ଷ ୧୦ ହଜାର କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ
- ଆଜିଠାରୁ ଆରମ୍ଭ ହୋଇଛି ମାଟ୍ରିକ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା
- ଆଗାମୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ସୂଚାରୁରୂପେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ
- କ୍ରୀଡ଼ା ସାମ୍ବାଦିକତାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ

ଏବଂ

- ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ସମ୍ଭାବନା

# ବୁଝାମଣାପତ୍ର

ଭୁବନେଶ୍ୱର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ୧ ଲକ୍ଷ ୧୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଲାଗି ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା ଇପିକଲ୍ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଣ୍ଟର ନ୍ୟାସନାଲ ହୋଲ୍ଡିଂ କମ୍ପାନୀ ଆଇ.ଏଚ୍.ସି. ମଧ୍ୟରେ ଏକ ମେଗା ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗ୍ରୀନ୍ ମେଟାଲ୍ସ ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରାକୁ ସୁଦୃଢ଼ କରିବାରେ ଏହି ପ୍ରକଳ୍ପ ସହାୟକ ହେବ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିବେଶକଙ୍କ ନିକଟରେ ଓଡ଼ିଶା ଶିଳ୍ପ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସଫଳ ହୋଇଛି। ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ, ଆଧୁନିକ, ସମାବେଶୀ ଓ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟଭାବେ ଗଢ଼ିବା ପାଇଁ ସରକାର ନିରନ୍ତର ଉଦ୍ୟମ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଏହି ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ବକ୍ସାଇଟ୍ ଖଣିଜ କାର୍ଯ୍ୟ, ଆଲିମିନା ରିଫାଇନିଂ, ସ୍ମେଲଟିଙ୍ଗ, ଅନୁସନ୍ଧାନ ଓ ଗବେଷଣା, ଡିଜିଟାଲ ଭିତ୍ତିଭୂମିର

ବିକାଶ ଏବଂ ରାଜ୍ୟରେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବା ପାଇଁ ଏଥିରେ ପ୍ରୟାସ କରାଯିବ। ଶିଳ୍ପ ପ୍ରତିଷ୍ଠା ଦ୍ୱାରା ପ୍ରାୟ ୫୩ ହଜାର ୫୦୦ ନିଯୁକ୍ତି ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କରନ ଆଦାନୀ ଉପସ୍ଥିତ ଥିଲେ।

Desk

# ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ପରୀକ୍ଷା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଭୟ ପରୀକ୍ଷା ୨୫୧ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେଉଛି।

Puri

# ସମନ୍ୱୟ ବୈଠକ

ଆଗାମୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ସୁରକ୍ଷିତ, ଶୃଙ୍ଖଳିତ ଏବଂ ସୂଚାରୁରୂପେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ପୁରୀ ପୁଲିସ କାର୍ଯ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଭକ୍ତଙ୍କ ସୁବିଧା, ସୁରକ୍ଷା,

ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ବଡ଼ଦାଣ୍ଡରେ ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ଏବଂ ସେବାୟତମାନଙ୍କ ସହ ସୂଚାରୁରୂପେ ସମନ୍ୱୟ ରକ୍ଷା ଉପରେ ଆଲୋଚନା କରାଯାଇଥିଲା। ରଥଯାତ୍ରା ସମୟରେ ଆପତକାଳୀନ ସେବା ଓ ଜନସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ସିଂହ କହିଛନ୍ତି। ବୈଠକରେ ଛତିଶାନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ।

Puri

## ଶ୍ରୀମନ୍ଦିର– ବୈଷୟିକ ଯାଞ୍ଚ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ୧୮ ତାରିଖରେ ବୈଷୟିକ ଯାଞ୍ଚ କରାଯିବ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ବୈଷୟିକ କମିଟି ଓ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗର ସଦସ୍ୟମାନେ ମିଳିତ ଭାବେ ଏହି କାର୍ଯ୍ୟ କରିବେ। ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା–ଏ.ଏସ୍.ଆଇ.କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ପ୍ରତି ବର୍ଷ ରଥଯାତ୍ରା ପରେ ଗର୍ଭଗୃହ ଖାଲି ରହିଥିବାରୁ ଏହାର ଆବଶ୍ୟକୀୟ ମରାମତି ପାଇଁ ଏହି ଯାଞ୍ଚ କରାଯାଏ। ପରେ ପର୍ଯ୍ୟବେକ୍ଷଣକୁ ନେଇ ଏକ ବୈଠକ ଅନୁଷ୍ଠିତ ହେବା ସହିତ କମିଟିର ସୁପାରିସକ୍ରମେ ନିଳାଦ୍ରୀ ବିଜେ ପୂର୍ବରୁ ଆବଶ୍ୟକୀୟ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ।

ଅନ୍ୟପକ୍ଷରେ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ବେଢ଼ା ନିର୍ମାଣ କାର୍ଯ୍ୟ ଶେଷ ହେଉଥିବା ବେଳେ ଏହାକୁ ରଥରେ ଖଞ୍ଜାଯିବ। ରଥର କଳସ, ବେଦୀ, ସିଂହାସନ କାର୍ଯ୍ୟ, ହଂସପଟା,

କନ୍ୟାପଟା, ଠେକେରା ବାଡ଼ ବୁଲାଯିବା ଓ ମଣ୍ଡଳୀ କାର୍ଯ୍ୟ ବାକି ରହିଛି। ତିନିରଥରେ ଚିତ୍ରକର ସେବକ ମାନେ ରଙ୍ଗ ଦେବା କାର୍ଯ୍ୟ ଜାରି ରଖିଛନ୍ତି। ଦରଜି ସେବକ କପଡ଼ା କାର୍ଯ୍ୟର ଅନୁକୂଳ କରିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

## ଲକ୍ଷ୍ମୀପୁରାଣ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର ମିଶନ ଶକ୍ତି ଭବନ ପ୍ରେକ୍ଷାଳୟରେ ଶକ୍ତି ବନ୍ଦନାର ମହାଗାଥା– ବଳରାମଦାସଙ୍କ ଲକ୍ଷ୍ମୀପୁରାଣ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଲକ୍ଷ୍ମୀ ପୁରାଣର ସାହିତ୍ୟିକ, ସାଂସ୍କୃତିକ ଓ ସାମାଜିକ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଛନ୍ତି। ନାରୀ ସଶକ୍ତୀକରଣ ଏବଂ ସାମାଜିକ ସମାନତାର ବାର୍ତ୍ତା ସମ୍ପର୍କରେ ବିଶିଷ୍ଟ ଗବେଷକ ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

Desk

## କ୍ରୀଡ଼ା ସାମ୍ବାଦିକ ଦିବସ

କ୍ରୀଡ଼ା ସାମ୍ବାଦିକତାର ଗୁରୁତ୍ୱ ଓ ସେମାନଙ୍କ କାର୍ଯ୍ୟ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ କରାଯାଉଛି।  ଚଳିତ ବର୍ଷ ଏହି ଦିବସ ବାର୍ତ୍ତା ରହିଛି ‘ନିରପେକ୍ଷ ପ୍ରତିଯୋଗିତା: ସଚ୍ଚୋଟତା ଏବଂ ପ୍ରଭାବୀ ଖବର ସଂଗ୍ରହ’। ଇଣ୍ଟର

ନ୍ୟାସନାଲ ସ୍ପୋର୍ଟସ୍ ପ୍ରେସ୍ ଆସୋସିଏସନ୍ ପକ୍ଷରୁ ୧୯୯୪ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି। କ୍ରୀଡ଼ା ସାମ୍ବାଦିକତାର ଇତିହାସ ୧୮୦୦ ମସିହାରୁ ଆରମ୍ଭ ହୋଇଥିଲା। ୧୯୨୦ ମସିହା ବେଳକୁ ଏହା ପୂର୍ଣ୍ଣାଙ୍ଗଭାବେ ବିକଶିତ ହେବା ଆରମ୍ଭ କରିଥିଲା। କ୍ରୀଡ଼ା ସାମ୍ବାଦିକତା ବର୍ତ୍ତମାନ ସମୟରେ ସାମ୍ବାଦିକତା ବୃତ୍ତିର ଏକ ପ୍ରମୁଖ ଲୋକପ୍ରିୟ ଅଂଶ ପାଲଟିଛି। ମଣିଷ ଜୀବନରେ କ୍ରୀଡ଼ାର ପ୍ରାସଙ୍ଗିକତା ଓ ପ୍ରୟୋଜନକୁ ଲୋକଲୋଚନକୁ ଆଣିବାରେ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା ଅତୁଳନୀୟ। ଏ ସମ୍ପର୍କରେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସୁକେଶ ବେହେରା ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

Desk

# ପୋଷଣ ଅଭିଯାନ ଓଜନ ଉତ୍ସବ

ରାଜ୍ୟରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ ପୋଷଣ ଅଭିଯାନ ଓଜନ ଉତ୍ସବ ଆରମ୍ଭ ହୋଇଛି। ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ବିଭିନ୍ନ ସହଯୋଗୀ ବିଭାଗର ସହଭାଗିତାରେ ଏହାର ଆୟୋଜନ କରାଯାଉଛି। ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କ ପିତାମାତା ତଥା ଯତ୍ନ ନେଉଥିବା ବ୍ୟକ୍ତିବିଶେଷଙ୍କୁ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରରେ ନିଜ ଶିଶୁର ଓଜନ ଓ ଉଚ୍ଚତା ମାପ କରାଇବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଉତ୍ସବରେ ଶିଶୁଙ୍କ ପୋଷଣ ସ୍ଥିତି ଚିହ୍ନଟ ପରେ ଆବଶ୍ୟକୀୟ ଚିକିତ୍ସା କିମ୍ବା

ଗୋଷ୍ଠୀସ୍ତରରେ ଯତ୍ନ ନିଆଯିବ। ବାଦ୍ ପଡ଼ିଯାଇଥିବା କିମ୍ବା ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳର ଶିଶୁମାନଙ୍କ ଶତପ୍ରତିଶତ ଓଜନ ଏବଂ ଉଚ୍ଚତା ଆକଳନକୁ ସୁନିଶ୍ଚିତ କରାଯିବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି। ପୋଷଣ ଅଭିଯାନ ଗତକାଲିଠାରୁ ଆରମ୍ଭ ହୋଇଥିବାବେଳେ ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ।

Bhadrak/Ganjam//Nabarangpur

## ଭି.ବି.–ଜି.ରାମ.ଜି ଶୁଭାରମ୍ଭ

ଗଞ୍ଜାମ ଜିଲ୍ଲାରେ ଭି.ବି.-ଜି.ରାମ.ଜି. ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଯୋଜନାରେ ୧୨୫ ଦିନର ନିଶ୍ଚିତ ଶ୍ରମନିଯୁକ୍ତି ଉପରେ ଆଲୋଚନା କରିଥିଲେ। ଯୋଜନା ଅଧୀନରେ ଜିଲ୍ଲାରେ ମୋଟ ୮୧ଟି ପ୍ରକଳ୍ପ ରଖାଯାଇଛି। ଏହି ଅବସରରେ ଉପସ୍ଥିତ ହିତାଧିକାରୀଙ୍କୁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ ପ୍ରଦାନ କରାଯାଇଛି।

ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭି.ବି.–ଜି.ରାମ.ଜି. ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଉପସ୍ଥିତ ରହି ଯୋଜନା ଅନ୍ତର୍ଗତ ସମସ୍ତ ସୁବିଧା ଏବଂ ୧୨୫ ଦିନର ନିଶ୍ଚିନ୍ତ କର୍ମନିଯୁକ୍ତି ଉପରେ ଆଲୋଚନା କରିଥିଲେ।

ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭି.ବି.–ଜି.ରାମ.ଜି. କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

Boudh

## ଉଦ୍ୟମୀ ଓଡ଼ିଶା ଅଭିଯାନ

ବୌଦ୍ଧ ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ଉଦ୍ୟମୀ ଓଡ଼ିଶା ଅଭିଯାନ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଯୋଗଦେଇ କହିଛନ୍ତି, ଉଦ୍ୟମୀ ପଞ୍ଜୀକରଣ ଅଭିଯାନ ମାଧ୍ୟମରେ ଏମ୍.ଏସ.ଏମ୍.ଇ. ୟୁନିଟ୍‌ଗୁଡ଼ିକର ପଞ୍ଜୀକରଣ କରାଯାଇଥିଲା। ତୃଣମୂଳସ୍ତରରେ ଉଦ୍ୟୋଗ ସୃଷ୍ଟିକୁ ପ୍ରୋତ୍ସାହନ ଓ ନିବେଶ ବୃଦ୍ଧି ଏହାର ମୁଖ୍ୟ ଉଦ୍ଦେଶ୍ୟ।

Dhenkanal

## ଏସ୍.ଆଇ.ଆର୍ ସଂଶୋଧନ

ଢେଙ୍କାନାଳ ଜିଲ୍ଲା ସଦ୍‌ଭାବନା ଗୃହରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଛନ୍ତି। ଜିଲ୍ଲାରେ ମୋଟ୍ ୯ ଲକ୍ଷ ୬୨ ହଜାର ୮୨୬ ଜଣ ଭୋଟର ତାଲିକାଭୁକ୍ତ ଥିଲେ। ଏହି ସଂଶୋଧନ ପ୍ରକ୍ରିୟା ଦ୍ୱାରା ୯ ଲକ୍ଷ ୬୨ ହଜାର ୮୨୬ ସଂଖ୍ୟକ ପରିଗଣନା ଫର୍ମ ଭୋଟରମାନଙ୍କୁ ପ୍ରଦାନ କରାଯାଇଥିଲା। ଆସନ୍ତା ୫ ତାରିଖରେ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାକୁ ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ଯାଞ୍ଚ କରି ଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ୍ ଥିଲେ ସେମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

Kandhamal/Desk

# ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା ହେବା ନେଇ ମୟୁରଭଞ୍ଜ ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୧୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ନିଷ୍ପତ୍ତିକ୍ରମେ  କନ୍ଧମାଳ ଜିଲ୍ଲାରେ ଆଜି ଓ ଆସନ୍ତାକାଲି ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ଏହି ସମୟରେ ପରୀକ୍ଷା ଓ ସ୍କୁଲର ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିବ । ରାଜ୍ୟର ୫ଟି ସ୍ଥାନରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି ।